### ଯୁବକସଂଘ ସହ ଥାନା ଅଧିକାରୀଙ୍କ ଆଲୋଚନା

ଏମ୍ଭି୭୯(ଡି.ଏନ୍.ଏ.)-ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମ୍ଭି-୭୯ ଥାନାରେ ନୂତନ ଭାବେ ଯୋଗଦେଇଥିବା ଥାନା ଅଧିକାରୀ ଅଶୋକ କୁମାର ବିଶୋୟୀଙ୍କୁ ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ଯୁବକସଂଘ ପକ୍ଷରୁ ଗୁରୁବାର ସମ୍ମାନିତ କରାଯାଇଛି। ଗ୍ରାମରେ କିପରି ଶାନ୍ତିଶୃଙ୍ଖଳା ବଜାୟ ରହିବ,ସମସ୍ୟା ନେଇ ଯେଉଁମାନେ ଥାନାକୁ ଆସିଲେ କିପରି ସୁଫଳ ପାଇପାରିବେ ସେନେଇ ସଂଘ କର୍ମକର୍ତ୍ତା ଓ ଥାନା ଅଧିକାରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଲୋକମାନେ କୌଣସି ଅସୁବିଧାର ସମ୍ମୁଖୀନ ଯେପରି ନ ହେବେ ସେଥିପ୍ରତି ସେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବେ ବୋଲି ଏହି ଅବସରରେ ବିଷୋୟୀ ପ୍ରତିଶ୍ରୁତି ଦେଇଥିଲେ। ସଂଘ ସଭାପତି ଜିତେନ୍ଦ୍ର ଷଡ଼ଙ୍ଗୀ, ସମ୍ପାଦକ ପ୍ରହ୍ଲାଦ ଦାସ, କୋଷାଧ୍ୟକ୍ଷ ରିଙ୍କି ବାରିକ, ଉପସଭାପତି ସତ୍ୟଜିତ ରାୟ, ସହ ସମ୍ପାଦକ ସମୀର ସରକାର, ରାକେଶ ମଣ୍ଡଳ,କାର୍ଯ୍ୟକାରୀ ସଦସ୍ୟ ରିଞ୍ଜିତ ଲାଲା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଟ୍ରକ୍‌ରୁ ୨ ଶହ ଲିଟର ଡିଜେଲ ନେଇଗଲେ ଦୁର୍ବୃତ୍ତ

ବୈପାରିଗୁଡ଼ା,୧୦।୬ (ଡି.ଏନ୍.ଏ.)- କୋରାପୁଟ ଜିଲା ବୈପାରିଗୁଡ଼ା ଥାନା ଅଞ୍ଚଳରେ ଚୋରି ଡକାୟତି ଘଟଣା ଦିନକୁ ଦିନ ବଢିଚାଲିଛି। ନିକଟରେ ୨ଟି ଲୁଟ୍ ଘଟଣା ହୋଇଥିବା ବେଳେ ଏବେ ପୁଣି ଏକ ଘଟଣା ପଦାକୁ ଆସିଛି। ମଙ୍ଗଳବାର ରାତିରେ ଏଠାରୁ ୪ କି.ମି.ଦୂର ମହୁଲି ନିକଟରେ ଥିବା ଏକ ଢାବା ସମ୍ମୁଖରେ ବିହାରର ଜଣେ ଟ୍ରକ୍ ଡ୍ରାଇଭର ଲକ୍ଷ୍ମଣ ଯାଦବ ଗାଡି ରଖି ବିଶ୍ରାମ ନେଉଥିଲେ। ରାତି ୪ଟା ବେଳେ ତାଙ୍କ ନିଦ ଭାଙ୍ଗିବାରୁ ତାଙ୍କ ମୋବାଇଲ ଫୋନ ନ ଥିଲା। ଗାଡିର ଡିଜେଲ ଟାଙ୍କି ଲକ୍ ଭଙ୍ଗାଯାଇଥିବା ସେ ଜାଣିବାକୁ ପାଇଥିଲେ। ଟାଙ୍କିରେ ୨ ଶହ ଲିଟରରୁ ଉର୍ଦ୍ଧ୍ୱ ଡିଜେଲ ନ ଥିଲା। ଏ ନେଇ ସେ ବୁଧବାର ଥାନାରେ ଏତଲା ଦେଇଛନ୍ତି। ଏ ସମ୍ପର୍କରେ ଏସ୍ଆଇ ଅସିତ୍ କୁମାର ବଳବନ୍ତରାୟଙ୍କୁ ପଚାରିବାରୁ ଥାନାରେ ରିପୋର୍ଟ ହୋଇଛି। ଏହାର ତଦନ୍ତ ଚାଲିଥିବା କହିଥିଲେ।

### କୋରାପୁଟ ଜିଲାରୁ ୧୨୬ କରୋନା ଆକ୍ରାନ୍ତ ଚିହ୍ନଟ

କୋରାପୁଟ,୧୦।୬(ସ୍ୱ.ପ୍ର.)-କୋରାପୁଟ ଜିଲାରେ ଗୁରୁବାର ୧୨୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୬,୬୧୦ରେ ପହଞ୍ଚିଛି। ଚିହ୍ନଟଙ୍କ ମଧ୍ୟରେ ଜିଲାର ଜୟପୁର ପୌରାଞ୍ଚଳରୁ ୨୭ଜଣ ଥିବାବେଳେ କୋରାପୁଟ ପୌରାଞ୍ଚଳରୁ ୬, ସୁନାବେଡ଼ା ପୌରାଞ୍ଚଳ ୧୩ ,କୋଟପାଡ ଏନ୍ଏସି ଅଞ୍ଚଳ ୧୭ , ବୋରିଗୁମ୍ମା ବ୍ଲକରୁ ୨୪, ବୈପାରିଗୁଡ଼ା ବ୍ଲକ ୫ , ବନ୍ଧୁଗାଁ ବ୍ଲକ ୪, ଦଶମନ୍ତପୁର ବ୍ଲକ ୪, ଜୟପୁର ବ୍ଲକ ୮, କୋରାପୁଟ ବ୍ଲକ ୬, କୁନ୍ଦୁରା ବ୍ଲକ ୨, ଲମତାପୁଟ ବ୍ଲକ ୨, ଲକ୍ଷ୍ମୀପୁର ବ୍ଲକ ୩, ନାରାୟଣପାଟଣା ବ୍ଲକରୁ ଜଣେ, ପଟ୍ଟାଙ୍ଗୀ ବ୍ଲକରୁ ଜଣେ ଓ ସେମିଳିଗୁଡା ବ୍ଲକ ଅଞ୍ଚଳରୁ ୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଗୁରୁବାର ଜିଲାରେ ୧୯୨ ଜଣ ସୁସ୍ଥ ହୋଇଛନ୍ତି।

### ଦାମନଯୋଡ଼ିରେ ସାବିତ୍ରୀ ବ୍ରତ

ଦାମନଯୋଡ଼ି,୧୦।୬(ଡି.ଏନ.ଏ.)- କରୋନା କଟକଣା ଯୋଗୁ ମନ୍ଦିରଗୁଡ଼ିକରେ କେବଳ ରୀତିନୀତି ସମ୍ପନ୍ନ ହେଉଛି। ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦର୍ଶନ ବନ୍ଦ ରହିଛି। ଏପରି ସ୍ଥଳେ ପବିତ୍ର ସାବିତ୍ରୀ ଅମାବାସ୍ୟା ପଡ଼ିଛି। ଦାମନଯୋଡ଼ିରେ ଗୁରୁବାର କୋଭିଡ୍ କଟକଣା ଯୋଗୁ ମନ୍ଦିରରେ ଏହି ପର୍ବର ପୂଜା ହୋଇପାରିନାହିଁ। ଶ୍ରଦ୍ଧାଳୁମାନେ ଘରେ ବ୍ରତବହି ପାଠକରି ପୂଜା କରିଥିବା ଦେଖିବାକୁ ମିଳିଛି। ଉପବାସ ଓ ବ୍ରତ ପାଳି ଗୃହିଣୀମାନେ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରିଛନ୍ତି।

### ସିସି କ୍ୟାମେରାରେ ବୁଲେଟ୍ ଚୋରି ଦୃଶ୍ୟ କଏଦ



ଜୟପୁର, ୧୦।୬ (ନି.ପ୍ର.)-ଜୟପୁର ସହରର ଲକ୍ଷ୍ମୀନଗରରେ ଜଣେ ବ୍ୟକ୍ତିଙ୍କ ଏକ ବୁଲେଟ୍ ଚୋରି ହୋଇଛି । ପି.ଶ୍ରୀନିବାସ ରାଜୁ ତାଙ୍କ ବୁଲେଟ୍ ନିକଟରେ ତାଙ୍କର ଜଣେ ସାଙ୍ଗ ପି. ତିୱାରୀଙ୍କ ଘରେ ରଖିଥିଲେ। ଦୁର୍ବୃତ୍ତମାନେ ପାଚେରି ଡେଇଁ ଗେଟ୍ ତାଲା ଭାଙ୍ଗି ବୁଲେଟ୍‌କୁ ନେଇଯାଇଥିଲେ। ସେମାନେ ବୁଲେଟ୍ ଗଡ଼ାଇଗଡ଼ାଇ ନେଉଥିବା ସିସି କ୍ୟାମେରା ଫୁଟେଜରୁ ଜଣାପଡିଛି। ରାତି ୧.୪୫ରୁ ୨ଟା୧୫ ମଧ୍ୟରେ ସବୁ କାର୍ଯ୍ୟ ହୋଇଛି। ଏନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଫୁଟେଜକୁ ମଧ ପୋଲିସ ନିକଟରେ ଦାଖଲ କରାଯାଇଛି । ଏହାକୁ ଆଧାରକରି ପୋଲିସ ତଦନ୍ତ ଆରମ୍ଭ କରିଛି।

# କୋରାପୁଟରେ ଆମ୍ବର ଅଭାବୀ ବିକ୍ରି

କୋରାପୁଟ,୧୦।୬(ସ୍ୱ.ପ୍ର.)

- କଟକଣା ହେତୁ ଛତିଶଗଡ଼ ବ୍ୟବସାୟୀ ନେବାକୁ ଆସୁନାହାନ୍ତି
- ବାଇଗଣପଲ୍ଲୀ, ଦଶରି, ସୁନ୍ଦରୀ ଭଳି ଆମ୍ବ ଦର କମ୍ ରହିଛି
- ଆମ୍ବ ବିକ୍ରି ନେଇ ପଦକ୍ଷେପ ନିଆଯିବ: ଓର୍‌ମାସ୍

କୋରାପୁଟ ଜିଲାରେ ଚଳିତ ବର୍ଷ ପ୍ରଚୁର ପରିମାଣରେ ଆମ୍ବ ଉତ୍ପାଦନ ହୋଇଛି। ତେବେ ଏହା ଠିକ୍ ରୂପେ ବିକ୍ରି ହୋଇପାରୁ ନ ଥିବାରୁ ଚାଷୀ ଏବେ ଚିନ୍ତାରେ ପଡ଼ିଛନ୍ତି। ଆମ୍ବ କିଣିବା ପାଇଁ ବ୍ୟବସାୟୀ ଆସୁ ନ ଥିବାରୁ ଆମ୍ବ ବାଡରେ ପାଚି ନଷ୍ଟ ହେବାକୁ ଲାଗିଲାଣି। ଫଳରେ ବାଧ୍ୟ ହୋଇ ଆମ୍ବଚାଷୀ ଏବେ ବାଇଗଣପଲ୍ଲୀ, ଦଶରି, ସୁନ୍ଦରୀ, ମଲ୍ଲିକା ଭଳି ଉଚ୍ଚ ଦରର ଆମ୍ବ କେଜି ପ୍ରତି ମାତ୍ର ୧୫ରୁ ୨୦ ଟଙ୍କାରେ ବିକ୍ରି କରୁଥିବା ଦେଖିବାକୁ ମିଳୁଛି। କୋରାପୁଟ ବ୍ଲକର ପଦ୍ମପୁର, ନିଘାମାନିଗୁଡା, ଗୋପାଳପୁଟ, ଦୁରୁଗୁଡା ଆଦି ଅଞ୍ଚଳର ଶତାଧିକ ଚାଷୀ ପ୍ରାୟ ୧୦୦ ଏକରରୁ ଉର୍ଦ୍ଧ୍ୱ ଅଞ୍ଚଳରେ ଆମ୍ବଚାଷ କରିଥିଲେ। ଏବେ ଟନ୍ ଟନ୍ ଆମ୍ବ ପାଚି ରହିଥିଲେ ମଧ୍ୟ ଏହାକୁ କିଣିବାକୁ କେହି ବ୍ୟବସାୟୀ ଆସୁନାହାନ୍ତି। କୋରାପୁଟ-ସୁନାବେଡ଼ା ଜାତୀୟ ରାଜପଥର ଘାଟଗୁଡା, ଡୁରୁଗୁଡା, ଗୋପାଳପୁଟ, ଡୁମୁରିପୁଟ ଆଦି ସ୍ଥାନରେ



କୋରାପୁଟ-ସୁନାବେଡ଼ା ଜାତୀୟ ରାଜପଥ ପାର୍ଶ୍ୱରେ ଚାଷୀ କମ୍ ଦରରେ ବିକ୍ରି କରୁଥିବା ଆମ୍ବ।

ରାସ୍ତାକଡରେ ବସି ଚାଷୀ କମ୍ ଦରରେ ଆମ୍ବ ବିକ୍ରି କରୁଥିବା ବରଗୁଡାର ଚାଷୀ ମୋତି ପରଜା କହିଛନ୍ତି। କରୋନା ଯୋଗୁ ଲକ୍‌ଡାଉନ ଜାରି ରହିଥିବାରୁ ଛତିଶଗଡ ଅଞ୍ଚଳର ବ୍ୟବସାୟୀ ଆମ୍ବ କିଣିବାକୁ ସେମାନଙ୍କ ନିକଟକୁ ଆସୁନାହାନ୍ତି। ଫଳରେ ଆମ୍ବର ଅଭାବୀ ବିକ୍ରି ହେଉଥିବା ଗୋପାଳପୁଟର ଅନେକ ଚାଷୀ ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଆମ୍ବର ବିକ୍ରି ନେଇ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି। ଏନେଇ ଓରମାସ୍‌ର ଜିଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରୋଶନ କାର୍ତ୍ତିକଙ୍କୁ ପଚାରିବାରୁ ସେ କହିଥିଲେ, ଉପରୋକ୍ତ ଅଞ୍ଚଳର ଆମ୍ବଚାଷୀ କୌଣସି ବିଭାଗ ସହ ଯୋଗାଯୋଗ କରିନାହାନ୍ତି। ତେବେ ବିଭାଗ ପକ୍ଷରୁ ଏହି ଗ୍ରାମଗୁଡିକର ଆମ୍ବଚାଷୀଙ୍କ ଆମ୍ବର ବିକ୍ରି ନେଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଜିଲା ପ୍ରଶାସନ ପକ୍ଷରୁ ଓରମାସ ଜରିଆରେ କୋରାପୁଟ ଜିଲାର ଉତ୍ପାଦିତ ଆମ୍ବ ବିକ୍ରି ନେଇ କୋରାପୁଟ ଓ ସୁନାବେଡା ହାଲ୍‌ଠାରେ ଗ୍ରାମ ଆମ୍ବ ପସରା ଷ୍ଟଲ ଖୋଲି ଲୋକଙ୍କୁ ସୁଲଭ ଦରରେ ବିକ୍ରି କରାଯାଉଥିବା ଜଣାଯାଇଛି ।

# ରାସ୍ତା, ବିଦ୍ୟୁତ୍ ବ୍ୟବସ୍ଥାର ଉନ୍ନତି ଜିଲା ବିକାଶର ମାପକାଠି ନୁହେଁ: ସିପିଆଇ(ଏମ୍)

ମାଲକାନଗିରି,୧୦।୬(ଡି.ଏନ.ଏ.)

- ମୂଳ ବାସିନ୍ଦାଙ୍କ ସମସ୍ୟା ଦୂର କରିପାରିନାହାନ୍ତି ସରକାର
- ଟିକାକରଣରେ ମାଲକାନଗିରି ଜିଲା ସବୁଠୁ ପଛରେ ପଡ଼ିଛି
- ପ୍ରବାସୀ ଶ୍ରମିକଙ୍କୁ ଯୋଗାଇପାରିନି ପ୍ରଶାସନ

ମାଲକାନଗିରି ଜିଲାର ପ୍ରଗତିରେ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ବାଧକ ସାଜିଛନ୍ତି। ଜିଲାରେ ରାସ୍ତାଘାଟ ଏବଂ ବିଦ୍ୟୁତ୍ ବ୍ୟବସ୍ଥାର ଉନ୍ନତି ହୋଇଥିଲେ ମଧ୍ୟ ଏହା ଜିଲା ପ୍ରଗତିର ମାପକାଠି ନୁହେଁ। ପ୍ରଶାସନ ଓ ସରକାରଙ୍କ ବିରୋଧରେ ଏପରି ମନ୍ତବ୍ୟ ରଖିଛନ୍ତି ସିପିଆଇ(ଏମ୍)ର ୩ ରାଜ୍ୟସ୍ତରୀୟ ନେତା। ଗୁରୁବାର ମାଲକାନଗିରି ସଦର ସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ଜନାର୍ଦ୍ଦନ ପତି, ଅଳିକିଶୋର ପଟ୍ଟନାୟକ ଓ ଜଗନ୍ନାଥ ମିଶ୍ର ଏହା କହିଛନ୍ତି। ସେମାନେ କହିଛନ୍ତି, ଓଡ଼ିଶାରେ କୋଭିଡ୍ -୧୯ ଟିକାକରଣରେ ମାଲକାନଗିରି ଜିଲା ସବୁଠୁ ପଛରେ ପଡ଼ିଛି। ଜିଲାକୁ ଦକ୍ଷିଣ ଭାରତରୁ ଫେରିଥିବା ୩୦ ହଜାରରୁ ଉର୍ଦ୍ଧ୍ୱ ପ୍ରବାସୀ ଶ୍ରମିକଙ୍କୁ କୌଣସି କର୍ମନିଯୁକ୍ତି ଜିଲା ପ୍ରଶାସନ ଦେଇପାରିନାହିଁ। ଫଳରେ ଏହି ଶ୍ରମିକମାନେ ଟିକାକରଣରୁ ବଞ୍ଚିତ ହେବା ସହ ଅର୍ଥ ଉପାର୍ଜନ କରି ନ ପାରି ଚିନ୍ତାରେ ଅଛନ୍ତି। ଅନ୍ୟପକ୍ଷରେ ଜିଲା ପ୍ରଶାସନ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ଶ୍ରମିକଙ୍କ ବଦଳରେ ମେଶିନ ଦ୍ୱାରା କରୁଛି। ମାସିକ ୭ହଜାର ୫ ଶହ ଟଙ୍କା ପ୍ରତି ପ୍ରବାସୀ ଶ୍ରମିକଙ୍କ ପରିବାରକୁ ଦେବାଲାଗି ଦଳ ଦାବି କରିଥିଲେ ମଧ୍ୟ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କେବଳ ଚାଉଳ ଦେଇ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଦେଶରେ ଟିକାର ଅଭାବ ଯୋଗୁ କୋଟି କୋଟି ଲୋକ ଟିକା ନେଇପାରୁନାହାନ୍ତି। ଅଥଚ କେନ୍ଦ୍ର ସରକାର ବାହାର ଦେଶକୁ ଟିକା ରପ୍ତାନି କରି ଭାରତୀୟ ନାଗରିକଙ୍କ ଜୀବନକୁ ସଙ୍କଟରେ ପକାଉଛନ୍ତି। ବିଶେଷ କରି ମାଲକାନଗିରି ଜିଲାରେ ଶରଣାର୍ଥୀଙ୍କୁ ଥଇଥାନ କରାଯାଇ ୬ ଏକର ଜମି ପ୍ରଦାନ କରାଯାଇଛି। ମାତ୍ର ଜିଲାରେ ୫୦ ହଜାରରୁ ଉର୍ଦ୍ଧ୍ୱ ମୂଳବାସିନ୍ଦା ବର୍ଷ ବର୍ଷ ଧରି ସେମାନଙ୍କ ଜମିର ପଟ୍ଟା ପାଇପାରୁନାହାନ୍ତି। ମାଓବାଦୀ ଦମନ ନାଁରେ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ଲୋକଙ୍କୁ ଭୟଭୀତ କରି ରଖିଛି। ମାଲକାନଗିରିରେ ପାନୀୟ ଜଳ ସମସ୍ୟା ବର୍ଷ ବର୍ଷ ଧରି ଲାଗି ରହିଛି। ବଜେଟରେ ଅର୍ଥ ବରାଦ ହୋଇ ଖର୍ଚ୍ଚ ହେଉଛି,ଅଥଚ ସମସ୍ୟା ଦୂର ହୋଇନାହିଁ। ଏବେ ମଧ ଜିଲାର ଅନେକ ଅଞ୍ଚଳରେ ଝରଣା , ପୋଖରୀ ପାଣି ଉପରେ ଲୋକେ ନିର୍ଭର କରୁଛନ୍ତି। ସ୍ୱାସ୍ଥ୍ୟ ବିଭାଗରେ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ଅଭାବ ଲୋକଙ୍କୁ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ କରୁଛି। ଆଗାମୀ ଦିନରେ ଏ ସମସ୍ତ ସମସ୍ୟାର ସମାଧନ ନ ହେଲେ ସିପିଆଇ(ଏମ୍) ପକ୍ଷରୁ ଜିଲାରେ ବଡ଼ଧରଣର ଜନ ଆନ୍ଦୋଳନ କରାଯିବ ବୋଲି ଉପରୋକ୍ତ ଏହି ୩ ନେତା ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ବଳରାମ ଗୋଳରି , ବ୍ରଜ ମାଝି , କୃଷ୍ଣ ପାଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ସିପିଆଇ(ଏମ୍) କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

# ଏଏନ୍‌ଏମ୍‌ଙ୍କ ଦାୟିତ୍ୱହୀନତାରୁ ଶିଶୁ ମୃତ

ସେମିଳିଗୁଡ଼ା, ୧୦।୬(ସ୍ୱ.ପ୍ର.)

- ତାଲିକାରେ ନାଁ ନ ଥାଇ ଟିକା ଦେଇଥିଲେ
- ଟିକା ନେବା ପରେ ବିଗିଡ଼ିଥିଲା ଶିଶୁର ସ୍ୱାସ୍ଥ୍ୟାବସ୍ଥା
- ଖବର ଦେଇଥିଲେ ମଧ ଆସି ନ ଥିଲେ ଏଏନ୍‌ଏମ୍

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ ଦୁଧାରି ପଞ୍ଚାୟତ ଘାଟଗୁଡ଼ା ଗ୍ରାମରେ ଜଣେ ଏଏନ୍‌ଏମ୍ କର୍ମଚାରୀଙ୍କ ଦାୟିତ୍ୱହୀନତା ଯୋଗୁ ଜଣେ ବ୍ୟକ୍ତିଙ୍କର ମାସକର ଶିଶୁପୁତ୍ରର ମୃତ୍ୟୁ ହୋଇଛି। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ଏଏନ୍‌ଏମ୍‌ଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି ମୃତ ଶିଶୁର ବାପା ମଙ୍ଗଳା ବଡ଼ନାୟକ। ମଙ୍ଗଳା କହିଛନ୍ତି, ଟିକା ନେବା ପୂର୍ବରୁ ତାଙ୍କ ପୁଅର ସ୍ୱାସ୍ଥ୍ୟ ଠିକ୍ ଥିଲା। ବୁଧବାର ଏଏନ୍‌ଏମ୍ ବିଷ୍ଣୁପ୍ରିୟା ବେହେରା ଗ୍ରାମରେ ପହଞ୍ଚି ଏହି ଟିକା ଦେବାକୁ କହିଥିଲେ। ମାତ୍ର ଟିକା ଦେବା ନେଇ ସେ ଧରି ଆସିଥିବା ତାଲିକାରେ ତାଙ୍କ ପୁଅର ନାଁନ ଥିଲେ ମଧ୍ୟ ସେ ଟିକା ଦେଇଥିଲେ। ଏହା ପୂର୍ବରୁ ସେ ପୁଅର ସ୍ୱାସ୍ଥ୍ୟ ପରୀକ୍ଷା କରି ନ ଥିଲେ। ଟିକା ଦେବା ପୂର୍ବରୁ ତାଙ୍କ ପୁଅର ସ୍ୱାସ୍ଥ୍ୟାବସ୍ଥା ଭଲ ଥିଲା। ସେ ମା' କ୍ଷୀର ଖାଇପାରୁଥିଲା। ମାତ୍ର ବୁଧବାର ପୂର୍ବାହ୍ନ ୧୧ଟାରେ ଟିକା ନେବା ପରେ ପୁଅର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ଆରମ୍ଭ କରିଥିଲା। ସେ ମା'କ୍ଷୀର ଖାଇ ପାରି ନ ଥିଲା, କେବଳ କାନ୍ଦୁଥିଲା। ଏନେଇ ଅଞ୍ଚଳର ଆଶା ଦିଦିଙ୍କୁ ଜଣାଇବାରୁ ସେ ଏଏନ୍‌ଏମ୍ ବିଷ୍ଣୁପ୍ରିୟାଙ୍କୁ ଖବର ଦେଇଥିଲେ ମଧ୍ୟ ସେ ଆସି ନ ଥିଲେ। ଫଳରେ ତାଙ୍କ ପୁଅର ରାତି ୩ଟାରେ ମୃତ୍ୟୁ ହୋଇଥିଲା। ଏ ସମ୍ପର୍କରେ ଶିଶୁପୁତ୍ରର ବାପା ସେମିଳିଗୁଡା ଥାନାରେ ଅଭିଯୋଗ କରିଛନ୍ତି। ମାମଲା ପଞ୍ଜୀକରଣ ହୋଇନାହିଁ। ଏନେଇ ସେକେଣ୍ଡ ଅଫିସର ଅନିତା ନାୟକଙ୍କୁ ପଚାରିବାରୁ ସେ ଫୋନ ଉଠାଇ ନ ଥିଲେ। ଏ ସମ୍ପର୍କରେ ସୁନାବେଡା ଏସଡିପିଓମନୋଜ ବେହେରାଙ୍କୁ ପଚାରିବାରୁ ସେ ଏହାର ଗୁରୁତ୍ୱ ନ ଥିବା କହିଥିଲେ। ଦୁଧାରି ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତରଙ୍କୁ ପଚାରିବାରୁ ସେ କହିଥିଲେ, ଏସବୁ ଫିଲ୍ଡ ୱାର୍କରଙ୍କ କାମ, ଆମ ପାଖକୁ ରିପୋର୍ଟ ଆସିନାହିଁ। ଏ ବିଷୟରେ ସୁପରଭାଇଜର କ୍ଷୀରୋଦ ମହାନ୍ତିଙ୍କୁ ଫୋନ୍‌ରେ ଯୋଗାଯୋଗ କରିବାରୁ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ । କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସଞ୍ଜୀବ ବେହେରା ସବିଶେଷ ବୁଝି ପଦକ୍ଷେପ ନେବେ ବୋଲି କହିଥିଲେ।

### ବିର୍ସା ମୁଣ୍ଡାଙ୍କ ତିରୋଧାନ ଦିବସ

ମାଲକାନଗିରି,୧୦।୬(ଡି.ଏନ୍.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ତାର୍ଲାକୋଟା ସି କଲୋନିରେ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ଆଦିବାସୀ ନେତା ଗେନୁ ମୁଦୁଲି ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ମୁଖ୍ୟ ଅତିଥି ରୂପେ ଲଳିତ ମାଡକାମି, ସମ୍ମାନିତ ଅତିଥି ଭାବେ ଜରାଶବର ମାଡି, ଆଦିବାସୀ ସଂଘର ସଦସ୍ୟ ବିଦେଶୀ ଗୌଡ଼, କୃଷ୍ଣ ପାଙ୍ଗୀ, ସୋମନାଥପୁର ସରପଞ୍ଚ ମଙ୍ଗୁ ଖିଲ, କାର୍ତ୍ତିକ ଖେମୁଡୁ ପ୍ରମୁଖ ଏହି ସ୍ୱାଧୀନତା ସଂଗ୍ରାମୀଙ୍କ ସଂଘର୍ଷମୟ ଜୀବନୀ ଉପରେ ଆଲୋକପାତ କରି ସେ ଜଣେ ଜନନାୟକ ବୋଲି ଅଭିହିତ କରିଥିଲେ।

### ସାପ କାମୁଡ଼ାରେ ଜଣେ ମୃତ

ସେମିଳିଗୁଡ଼ା,୧୦।୬(ସ୍ୱ.ପ୍ର.)

ସେମିଳିଗୁଡ଼ା ବ୍ଲକ ହାଟଗଡ଼ା ପଞ୍ଚାୟତର ସାନଠେମା ଗ୍ରାମରେ ସାପ କାମୁଡ଼ାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ତ୍ରିନାଥ ସାଗିରି (୫୫)। ବୁଧବାର ରାତି ୮ଟାରେ ତ୍ରିନାଥ ନିକଟସ୍ଥ ମାଳିପୁଟ ଗ୍ରାମରୁ ପରିବା କିଣି ଫେରୁଥିବା ବେଳେ ରାସ୍ତାରେ ଏକ ସାପ ଉପରେ ତାଙ୍କ ଗୋଡ଼ ପଡ଼ିଯିବାରୁ ସାପଟି ତ୍ରିନାଥଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତ୍ରିନାଥଙ୍କୁ ମୃତ ଘୋଷଣା କରିଥିଲେ। କେସ୍ ନଂ. ୧୭/୨୧ରେ ଏକ ମାମଲା ପଟାଙ୍ଗି ଥାନାରେ ରୁଜୁ ହୋଇଛି ।

# ସାବିତ୍ରୀରେ ବାପାଙ୍କ ଦଶାହ ସମ୍ପନ୍ନ କଲା କୁନି ପୁଅ

ମାଲକାନଗିର,୧୦।୬ (ଡି.ଏନ.ଏ)

ବିଧିର ବିଧାନ ବଡ ବିଚିତ୍ର। ଆଜିପରି ଦିନରେ କାହା ଓଠରୁ ହସ ଲିଭୁ ନ ଥିବା ବେଳେ କାହା ଆଖିରୁ ଲୁହ ଶୁଖୁନି। ଆଜି ଗୁରୁବାର ଥିଲା ସାବିତ୍ରୀ ବ୍ରତ। ପତିବ୍ରତା ନାରୀଙ୍କ ପାଇଁ ଆଜିର ଦିନର ରହିଛି ବିଶେଷ ମହତ୍ୱ। ମାତ୍ର ଏଠାରେ ଏପରି ଜଣେ ସାବିତ୍ରୀଙ୍କ ବିଷୟରେ ଆମେ ଉପସ୍ଥାପନ କରୁଛୁ ଯିଏ କି ସାବିତ୍ରୀ ପରି ଦିନରେ ସ୍ୱାମୀଙ୍କ ଦଶାହ ପାଳୁଛନ୍ତି। ତାଙ୍କ କୁନି ପୁଅ ସମ୍ପନ୍ନ କରୁଛନ୍ତି ଏହି କାର୍ଯ୍ୟ। ୭ମାସ ତଳେ ତାଙ୍କ ସ୍ୱାମୀ ଏମ୍ଭି-୭୨ ଗ୍ରାମର ରାମା ଦୁବେ ଗ୍ରାମର କାହ୍ନାଇ ନାମକ ଜଣେ ବ୍ୟକ୍ତିଙ୍କ ସହ ମିଶି କାମ କରିବାକୁ ବିହାର ଯାଇଥିଲେ। ତାଙ୍କୁ ନେଇଥିବା କାହ୍ନାଇ ପରେ ଗ୍ରାମକୁ ଫେରି ଆସିଥିଲେ ମଧ୍ୟ ରାମା ଫେରି ନ ଥିଲେ। ଏ ସମ୍ପର୍କରେ ସ୍ତ୍ରୀ ଜ୍ୟୋତି ଦୁବେ ତାଙ୍କୁ ପଚାରିଥିଲେ ମଧ୍ୟ ସେ କିଛି ଉତ୍ତର ଦେଉ ନ ଥିଲେ। ପରେ ଜ୍ୟୋତି ଫୋନରେ ତାଙ୍କ ସ୍ୱାମୀଙ୍କଠାରୁ ସେଠାରେ ସେ ୧୦ ଲକ୍ଷ ଟଙ୍କାରେ ବନ୍ଧକ ଥିବା ଜାଣିବାକୁ ପାଇଥିଲେ। ପରେ ତାଙ୍କ ମୃତ୍ୟୁ ଖବର ପାଇଥିଲେ। ଏନେଇ ଜ୍ୟୋତି ଏମ୍ଭି-୭୨ ଥାନାରେ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଥିଲେ। ଗୁରୁବାର ହେଉଛି ତାଙ୍କ ଦଶାହ। ସଂସାର କ'ଣ ଜାଣି ନ ଥିବା ତାଙ୍କ କୁନି ପୁଅ ସମ୍ପନ୍ନ କରୁଛନ୍ତି ଏହି ହୃଦୟ ବିଦାରକ କାର୍ଯ୍ୟ।

# ଦଳ ଛାଡ଼ିନି: ବ୍ରଜ ମାଝି

ମାଲକାନଗିରି,୧୦।୬(ଡି.ଏନ୍.ଏ.)

ସିପିଆଇ(ଏମ୍)ର ମାଲକାନଗିରି ଜିଲା ସମ୍ପାଦକ ବ୍ରଜ ମାଝି ବିଜେଡିରେ ଯୋଗଦେଇଥିବା ଘଟଣାକୁ ଗୁରୁବାର ଅସ୍ୱୀକାର କରିଛନ୍ତି। ଏନେଇ ସେ କହିଛନ୍ତି, ଗତ ୭ତାରିଖରେ ମାଲକାନଗିରିରେ ବିଜେଡିର ଜିଲା କାର୍ଯ୍ୟାଳୟ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୋତେ ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିଲା । ସେମାନଙ୍କ ନିମନ୍ତ୍ରଣ ରକ୍ଷାକରି କାର୍ଯ୍ୟକ୍ରମରେ ଯୋଗଦେଇଥିଲି। ସେଠାରେ ମୋ ଅନିଚ୍ଛା ସତ୍ତ୍ୱେ କର୍ମକର୍ତ୍ତାମାନେ ବିଜେଡିର ଦଳୀୟ ସଙ୍କେତ ଥିବା ଉତ୍ତରୀୟ ମୋ ଉପରେ ପକାଇ ଫଟୋ ଉଠାଇଥିଲେ। ମୁଁ ଦୀର୍ଘ ବର୍ଷ ହେଲା ସିପିଆଇ(ଏମ୍) ସମ୍ପାଦକ ରୂପେ ମାଲକାନଗିରି ଜିଲାରେ ଗରିବ ଲୋକଙ୍କୁ ନ୍ୟାୟ ଦେବା ପାଇଁ ସଂଗ୍ରାମ କରି ଆସୁଛି। ମୁଁ ଦଳ ତ୍ୟାଗକରି ନାହିଁ କିମ୍ବା ଉକ୍ତ ଦିନ ମୁଁ ବିଜେଡିରେ ସାମିଲ ହୋଇନାହିଁ ବୋଲି ମାଝି କହିଛନ୍ତି।

# ସ୍କର୍ପିଓ, ଟଙ୍କା ଲୁଟ୍ ଘଟଣାରେ ୪ ଗିରଫ

ବୋରିଗୁମ୍ମା,୧୦।୬ (ଡି.ଏନ.ଏ.)

ସ୍କର୍ପିଓ ଗାଡି ଏବଂ ଟଙ୍କା ଲୁଟ୍ ଘଟଣାର ପର୍ଦ୍ଦାଫାଶ କରିଛି କୋରାପୁଟ ଜିଲା ବୋରିଗୁମ୍ମା ପୋଲିସ। ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଜାମୁଣ୍ଡା ଗ୍ରାମର ବାବୁଲି ଉମ୍ଦ, ରାଜେଶ ହରିଜନ,ସୁବାଷ ହରିଜନ ଓ ଆଶିଷ ଇମାନ୍ୟୁଲ ଟାକ୍ରି। ଖବରରୁ ଜଣାପଡିଛି ଅପ୍ରେଲ ୨୯ରେ ସୋହାଲ ବାଘେଲ ଏବଂ ତାଙ୍କ ସାଙ୍ଗ ପୋୟମ କୋଛପ ଏକ ସ୍କର୍ପିଓ (ସିଜି୧୭ସି-୨୭୭୧) ଭଡାରେ ନେଇ କିଛି କାର୍ଯ୍ୟରେ ଛତିଶଗଡର ଜଗଦଲପୁର ଯାଉଥିଲେ। ଜାମୁଣ୍ଡା ନିକଟରେ ଉପରୋକ୍ତ ୪ ଜଣ ସ୍କର୍ପିଓ ଅଟାକାଇଥିଲେ। ସୋହାଲ ଓ ପୋୟମଙ୍କୁ ଧମକଚମକ ଦେଇ ଉଭୟଙ୍କୁ ମାଡ ମାରି ୧୬ ହଜାର ଟଙ୍କା, ଦୁଇଟି ମୋବାଇଲ ଫୋନ ଏବଂ ସ୍କର୍ପିଓ ଗାଡି ନେଇ ଫେରାର ହୋଇଯାଇଥିଲେ। ଏନେଇ ୩୦ରେ ସୋହାଲ ଓ ପୋୟମ ବୋରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ପୋଲିସ ତଦନ୍ତ ଆରମ୍ଭ କରି କିଛି ଦିନ ପରେ ସ୍କର୍ପିଓକୁ ଜୟପୁର ସଦର ଥାନା ଅଞ୍ଚଳରୁ ଜବତ କରି ଗାଡି ମାଲିକ ସମାରୁ ରାମଙ୍କୁ ଦେଇଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଜାଲ ବିଛାଇଥିଲା। ବୁଧବାର ବିଳମ୍ବିତ ରାତିରେ ଜାମୁଣ୍ଡା ଗ୍ରାମରେ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ଲୁଟ୍ ଟଙ୍କା ଜବତ ହୋଇପାରିନାହିଁ। ଗୁରୁବାର ସନ୍ଧ୍ୟାରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ବିଶ୍ୱଜିତ ମହାନ୍ତି କହିଛନ୍ତି।

# ମୋଦି ସରକାର ବିରୋଧରେ ବର୍ଷିଲା ସିପିଆଇ

ଜୟପୁର,୧୦।୬(ନି.ପ୍ର.)

### ପେଟ୍ରୋଲ,ଡିଜେଲ ଦର ବୃଦ୍ଧି

ଦେଶରେ ପେଟ୍ରୋଲ ଓ ଡିଜେଲ ଦର ୧୦୦ ଟଙ୍କାରୁ ଉର୍ଦ୍ଧ୍ୱ ହୋଇଛି। ଏଥିପାଇଁ ସମସ୍ତ ନିତ୍ୟବ୍ୟବହାର୍ଯ୍ୟ ଜିନିଷର ଦର ଆକାଶଛୁଆଁ ବୃଦ୍ଧି ପାଇଛି। ଗୁରୁବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ) କୋରାପୁଟ ଜିଲା ପରିଷଦ ପକ୍ଷରୁ ଜୟପୁର ସହରର ଟ୍ରାଫିକ ଛକ ଓ ପେଟ୍ରୋଲ ପମ୍ପ ସମ୍ମୁଖରେ ମୋଦି ସରକାର ବିରୋଧରେ ସ୍ୱର ଉତ୍ତୋଳନ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । କରୋନା ମହାମାରୀ ପରି ସଙ୍କଟ ସମୟରେ ଲୋକଙ୍କୁ କାମ ମିଳୁନାହିଁ। ପରିବାର ଚଳାଇବା ଲୋକଙ୍କୁ କଷ୍ଟକର ହୋଇପଡୁଛି। ଏହି ସମୟରେ କେନ୍ଦ୍ର ସରକାର ପେଟ୍ରୋଲ, ଡିଜେଲ ଦର ଆଖିବୁଜା ବଢ଼ାଇ ଚାଲିଛନ୍ତି। ଏଥିଯୋଗୁ ସବୁ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ବଢ଼ିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଯଥେଷ୍ଟ ହ୍ରାସ ପାଇଥିବା ବେଳେ ଭାରତରେ ତୈଳ ଦର କମ୍ ହେବା ପରିବର୍ତ୍ତେ ବୃଦ୍ଧି ପାଉଛି ବୋଲି ସିପିଆଇ ଅଭିଯୋଗ କରିଛି। ୨୦୧୩-୧୪ରେ ଯେତେବେଳେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୪୦ ଡଲାର ଥିଲା ସେତେବେଳେ ପେଟ୍ରୋଲ, ଡିଜେଲ ଦର ୮୦ ଟଙ୍କାରୁ ଉର୍ଦ୍ଧ୍ୱ ହୋଇ ନ ଥିଲା । ସେତେବେଳେ ଭାଜପା ପକ୍ଷରୁ କୁହାଯାଉଥିଲା ପେଟ୍ରୋଲ, ଡିଜେଲ ଦର ବହୁତ ବଢ଼ିଗଲା। ମୋଦି ସରକାର ଆସିଲେ ହିଁ ଏହି ଦର କମିବ। ମାତ୍ର ଏବେ ତା'ର ଓଲଟା ପ୍ରତିଫଳନ ହେଉଛି ବୋଲି ସିପିଆଇ ପ୍ରକାଶ କରିଛି। କରୋନା ମୁକାବିଲାରେ ବିଫଳତା, ଟିକାକରଣ ନୀତି ନେଇ ସୁପ୍ରିମକୋର୍ଟଙ୍କ ଦ୍ୱାରା ଭର୍ତ୍ସିତ ହୋଇଥିବା ମୋଦି ସରକାର ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ସିପିଆଇ ଦାବି କରିଛି। ନଚେତ୍ ଆଗାମୀ ଦିନରେ ସେମାନେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି । ବିକ୍ଷୋଭ ପ୍ରଦର୍ଶନରେ ପ୍ରମୋଦ କୁମାର ମହାନ୍ତି, ଯୁଧିଷ୍ଠିର ରାଉଳ, ରାମକୃଷ୍ଣ ଦାସ, ଶଶାଙ୍କ ମଣ୍ଡଳ, ପ୍ରଦୀପ ପାଙ୍ଗିଆ, ସନ୍ନ୍ୟାସୀ ମାଳୀ, ସୁଦର୍ଶନ ବିଷୋୟୀ, ତିରୁପତି ମାଳୀ ପ୍ରମୁଖ ନେତୃତ୍ୱ ନେଇଥିଲେ।




ସିପିଆଇ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ବିଜେଡି ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି,୧୦।୬(ଡି.ଏନ.ଏ.)

ମାଲକାନଗିରି ଜିଲା ବିଜେଡି ପକ୍ଷରୁ ଗୁରୁବାର ମାଲକାନଗିରି ବ୍ଲକର ପାଣ୍ଡ୍ରିପାଣି ପଞ୍ଚାୟତର କୁରୁଡୁଗୁଡା ଓ ପୋଡ଼ା କଲୋନି ଗ୍ରାମରେ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲା ପରିଷଦ ସଭ୍ୟା ଦହନା ତାଙ୍ଗୁଲଙ୍କ ନେତୃତ୍ୱରେ ମାଲକାନଗିରି ପୂର୍ବତନ ବିଧାୟକ ମାନସ ମାଡକାମି, ଜିଲା ସାଧାରଣ ସମ୍ପାଦକ ଗୋପାଳକୃଷ୍ଣ ପଣ୍ଡା, ପୂର୍ବତନ ସାଧାରଣ ସମ୍ପାଦକ ପ୍ରୀତପାଲ ସିଂ, ଜିଲା ସମ୍ପାଦକ ଶଙ୍କର ଚନ୍ଦ୍ର ଶାହା, ବରିଷ୍ଠ ଆଇନଜୀବୀ ଲମ୍ବୋଦର ଡୁରୁକ, ପୂର୍ବତନ ବ୍ଲକ ସଭାପତି ସର୍ବ କୁମାର ବିଶୋୟୀ, ପାଣ୍ଡ୍ରିପାଣି ପଞ୍ଚାୟତ ସମିତି ସଭ୍ୟା ପ୍ରଶାନ୍ତିଲତା ବିଶୋୟୀ ପ୍ରମୁଖ ଦଳର ବରିଷ୍ଠ କର୍ମକର୍ତ୍ତାଙ୍କୁ ନେଇ ଗ୍ରାମରେ କରୋନା ସଚେତନତା କାର୍ଯ୍ୟକ୍ରମ କରିଥିଲେ। ଏହି ମହାମାରୀଠାରୁ ଦୂରେଇ ରହିବା ଲାଗି ସରକାରଙ୍କ ଧାର୍ଯ୍ୟ ନୀତିନିୟମ ସାମାଜିକ ଦୂରତା ରକ୍ଷା କରିବା, ନିୟମିତ ସାବୁନରେ ହାତ ସଫା କରିବା, ମାସ୍କ ପରିଧାନ କରିବା ନେଇ ଗ୍ରାମବାସୀଙ୍କୁ ବୁଝାଇଥିଲେ। ଏହି ଅବସରରେ ଗ୍ରାମବାସୀଙ୍କୁ ଶୁଖିଲା ଖାଦ୍ୟ, ମାସ୍କ ସାବୁନ ବଣ୍ଟନ କରାଯାଇଥିଲା।



ବିଜେଡି କର୍ମକର୍ତ୍ତାମାନେ ଗ୍ରାମବାସୀଙ୍କୁ ମାସ୍କ ପିନ୍ଧାଉଛନ୍ତି।

சர்தார் வல்லபாய் படேல் சர்வதேச ஜவுளி மற்றும் மேலாண்மை கல்லூரி
सरदार वल्लभभाई पटेल इंटरनेशनल स्कूल ऑफ टेक्सटाइल्स एंड मैनेजमेंट
SVPITM
SARDAR VALLABHBHAI PATEL
International School of Textiles & Management
Autonomous Institute, Ministry of Textiles, Government of India
1483, Avinashi Road, Peelamedu, COIMBATORE – 641004 Ph : 0422 – 2571675, 2592205
ADMISSION 2021 - 22. Applications Are Invited For SVP Entrance Test
B.Sc. • Textiles
MBA • Textile / Apparel / Retail
Applications are also open: 12 Weeks Online Short-term Certificate Courses In Medical Textile Management & Non-woven Textile Management for all.
Application forms available in the institute website
Last date for the receipt of application is 25.06.2021
For admission details call 88704 79675 98438 14145
For short-term course details call 90036 45543



Visit www.svpistm.ac.in E-mail : admission@svpitm.ac.in

OFFICE OF THE PRINCIPAL
GOVT. COLLEGE (AUTO), ANGUL
QUOTATION
Sealed quotations are invited from registered manpower service providers for engagement of daily wage workers in Govt. College (Auto), Angul on outsourcing basis for the session 2021-22.
For more information refer college website: www.gaca.nic.in or college notice board.
Sd./- Principal

OFFICE OF THE REGULATED MARKET COMMITTEE, JAGATSINGHPUR
At: Gopalsagar, P.O./Dist.- Jagatsinghpur, Odisha, PIN - 754103
E-mail: rmcjspur@gmail.com
E-PROCUREMENT (INVITATION FOR BID)
TENDER CALL NOTICE No. 392 / Dt.09.06.2021
In pursuant to the advertisement vide No. 392 Dt.09.06.2021, the bid documents will be available for sale in the website www.tenderorissa.gov.in from 10.00 A.M. of 11.06.2021 to 5.00 P.M. of 21.06.2021 for online bidding.
Sd./- Sub Collector-cum-Chairman
RMC, Jagatsinghpur

ଧରିତ୍ରୀ
DHARITRI
ରାୟଗଡ଼ା, ଶୁକ୍ରବାର, ଜୁନ୍ ୧୧, ୨୦୨୧

**ଡିଏଲ୍‌ଏସ୍‌ଏର ନୂତନ ସମ୍ପାଦିକାଙ୍କୁ ସ୍ୱାଗତ**

ନବରଙ୍ଗପୁର,୧୦।୬(ବି.ପ୍ର.)-ନବରଙ୍ଗପୁର ଜିଲା ଆଇନଜୀବୀ ସଂଘ ପକ୍ଷରୁ ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲ୍‌ଏସ୍‌ଏ)ର ନୂତନ ସମ୍ପାଦିକା ଅନ୍ନପୂର୍ଣ୍ଣା ନାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସେ ପୂର୍ବରୁ ଜଗତସିଂହପୁର ଜିଲା ମହିଳା କୋର୍ଟରେ ବରିଷ୍ଠ ଦେୱାନି ବିଚାରପତି ଭାବେ କାର୍ଯ୍ୟରତ ଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଆଇନଜୀବୀ ସଂଘର ସଭାପତି ଆଶିଷ ରଞ୍ଜନ ପଟ୍ଟନାୟକ, ସମ୍ପାଦକ ରାମ ପ୍ରସାଦ ପାତ୍ର, କୋଷାଧ୍ୟକ୍ଷ ବିଧୁଶେଖର ତ୍ରିପାଠୀ, ସ୍ୱତନ୍ତ୍ର ସରକାରୀ ଆଇନଜୀବୀ ଶ୍ୟାମପ୍ରସାଦ ଗନ୍ତାୟତ, ଅତିରିକ୍ତ ସରକାରୀ ଆଇନଜୀବୀ ସନ୍ତୋଷ ମିଶ୍ରଙ୍କ ସମେତ ସଂଘର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଲଜ୍ ବାଥ୍‌ରୁମ୍‌ରୁ ମିଳିଲା ଯୁବକଙ୍କ ଝୁଲନ୍ତା ମୃତଦେହ

ନବରଙ୍ଗପୁର,୧୦।୬(ବି.ପ୍ର.)-ନବରଙ୍ଗପୁର ସହର ତଥା ୨୬ ନମ୍ବର ଜାତୀୟ ରଜପଥ ଟେଲିସାହି ଛକରେ ଥିବା ଏକ ଲଜ୍‌ରୁ ସେଠାରେ କାମ କରୁଥିବା ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ମିଳିଛି। ମୃତକ ହେଲେ ଧୋବାସାହିର ମନୋଜ ନାୟକ(୨୮)। ଲଜ୍ ବନ୍ଦ ଥିବାବେଳେ ଗୁରୁବାର ପୂର୍ବାହ୍ନ ୧୦ଟାରେ ମନୋଜ ଘରୁ ଲଜ୍‌କୁ ଗାଧୋଇବାକୁ ଆସିଥିଲେ। ମାଆ ବିମଳା ନାୟକ ବାରମ୍ବାର ଫୋନ କରିଥିଲେ ମଧ ସେ ଉଠାଇ ନ ଥିଲେ। ପରେ ଲଜ୍ ମାଲିକଙ୍କୁ ସେ ଫୋନ କରିଥିଲେ। ଅପରାହ୍ନ ସାଢେ ୩ଟାରେ ମାଲିକ ଲଜ୍‌କୁ ଆସି ବାଥ୍‌ରୁମ୍‌ରେ ମନୋଜ ଆତ୍ମହତ୍ୟା କରିଥିବା ଦେଖି ତାଙ୍କ ପରିବାର ଓ ପୋଲିସକୁ ଖବର ଦେଇଥିଲେ। ନବରଙ୍ଗପୁର ଅତିରିକ୍ତ ଥାନା ଅଧିକାରୀ ରାମେଶ୍ୱର ପ୍ରଧାନ ଓ ଏଏସ୍‌ଆଇ ଶ୍ୟାମସୁନ୍ଦର ରଥ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି।

### ଚଣା ଭାଇନାଙ୍କୁ ସହାୟତା କଲେ ପୂର୍ବତନ ନଗରପାଳ

ନବରଙ୍ଗପୁର,୧୦।୬(ବି.ପ୍ର.) -ନବରଙ୍ଗପୁର ସହରର ଆର୍‌ସିଡି ହାଇସ୍କୁଲ ପାଚେରି ପ୍ରାଙ୍ଗଣରେ ଦୀର୍ଘ ୫୬ରୁ ଉର୍ଦ୍ଧ୍ୱ ବର୍ଷ ଧରି ରହିଥିଲା ଏକ ଚଣା ଦୋକାନ। ପ୍ରଶାସନ ପକ୍ଷରୁ ଦୋକାନ ଉଚ୍ଛେଦ ପରେ ଅସହାୟ ଅବସ୍ଥାରେ ରହିଥିଲେ ବ୍ୟବସାୟୀ ବାସୁଦେବ ପାଢ଼ୀ। ଏବେ ତାଙ୍କ ପରିବାରକୁ ସହାୟତାର ହାତ ବଢ଼ାଇଛନ୍ତି ନବରଙ୍ଗପୁର ପୌର ପରିଷଦର ପୂର୍ବତନ ନଗରପାଳ ପ୍ରହ୍ଲାଦ ତ୍ରିପାଠୀ। ଚଣା ଭାଇନା ରୂପେ ପରିଚିତ ବାସୁଦେବଙ୍କ ପରିବାର ପୂର୍ବପୁରୁଷ ସମୟରୁ ଏହି ଦୋକାନରୁ ଚଳୁଛନ୍ତି। ପରିବାରର ୧୩ ସଦସ୍ୟଙ୍କୁ ଏହି ଚଣା ଦୋକାନ ଚଳାଏ। ଏବେ ହାଇସ୍କୁଲକୁ ଆଦର୍ଶ ହାଇସ୍କୁଲଭାବେ ଗଢ଼ିବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ଭିତ୍ତିଭୂମିର ବିକାଶ ପାଇଁ ପ୍ରଶାସନ ପକ୍ଷରୁ ଦୋକାନଟିକୁ ଉଚ୍ଛେଦ କରାଯାଇଥିଲା। ଏଭଳି ଦୁର୍ଦ୍ଦିନ ସମୟରେ ପୂର୍ବତନ ନଗରପାଳ ଦୋକାନୀଙ୍କୁ ଦୁଇବସ୍ତା ଚାଉଳ, ତେଲ, ଡାଲି ଆଦି ୧ ମାସର ଖାଦ୍ୟ ସାମଗ୍ରୀ ଯୋଗାଇ ଦେଇଛନ୍ତି। ଏଥିସହ ଉକ୍ତ ସ୍କୁଲ ନିକଟରେ ହିଁ ତାଙ୍କ ପାଇଁ ଏକ ନୂତନ ଦୋକାନ ଗୃହ ନିର୍ମାଣ କରି ଥଇଥାନ କରିବାକୁ ସେ ଜିଲା ପ୍ରଶାସନକୁ ଅନୁରୋଧ କରିଛନ୍ତି।

### ବୁଡ଼ିବାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ନୂଆ ଡାକ୍ତର

**ଧରିତ୍ରୀ ପ୍ରଭାବ**

ଚନ୍ଦ୍ରପୁର,୧୦।୬(ଡି.ଏନ୍.ଏ.)-ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍ ବୁଡ଼ିବାଲି ପଞ୍ଚାୟତ ସଦର ସ୍ଥିତ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଏବଂ ଅନ୍ୟ କର୍ମଚାରୀଙ୍କ ଅଭାବ ରହିଥିବାବେଳେ ଫାର୍ମାସିଷ୍ଟଙ୍କ ଦ୍ୱାରା ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଥିବା ନେଇ ଜୁନ୍ ୮ ରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାପରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଇ ଜଣେ ଡାକ୍ତରଙ୍କୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ଦିଆଯାଇଛି। ଡାକ୍ତର ରାମକ୍ରିଷ୍ଣା ରାଓଙ୍କୁ ଏଠାରେ ନୂତନଭାବେ ଯୋଗ ଦେଇଛନ୍ତି। ଏଠାରେ ନୂତନ ଡାକ୍ତର ଯୋଗଦେବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ଏ ନେଇ ପୂର୍ବତନ ବ୍ଲକ୍ ଅଧକ୍ଷ ଏବଂ ଗ୍ରାମବାସୀ ଜିଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ୨୫ କି. ଗ୍ରା. ଗଞ୍ଜେଇ ଜବତ, ୩ ଜଣ ଗିରଫ

କୋଷାଗୁମୁଡ଼ା,୧୦।୬(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ଥାନା ପୋଲିସ ବୁଧବାର ଗଞ୍ଜେଇ ଚାଲାଣ ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କୋଟପାଡ଼ ବଡ ଦ୍ୱାର ସାହିର ସୁରେଶ ମନଧର(୪୭), ଅର୍ଜୁନ ହରିଜନ(୨୭) ଓ ଛତିଶଗଡ଼ ବସ୍ତର ଜିଲାର ରିଙ୍କୁ ଯାଦବ( ୩୬)। ସୂଚନା ଅନୁଯାୟୀ, ବୁଧବାର ରାତି ୧୦ ଟାରେ ନେଇଗାଁ-ଗୁମୁଣ୍ଡଲୀ ଛକରେ ଅଭିଯୁକ୍ତମାନେ ୨ଟି ବାଇକ୍‌ରେ ଗଞ୍ଜେଇ ନେଇ ଯାଉଥିଲେ। ଏହି ସମୟରେ ପାଟ୍ରୋଲିଂ କରୁଥିବା ଏସ୍‌ଆଇ ଆଲୋକ ପ୍ରସାଦ ଭୋଇ ଓ ତାଙ୍କ ଟିମ୍ ସେମାନଙ୍କୁ ଗିରଫ



କରିଥିଲେ। ଗୁରବାର ପାପଡ଼ାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ, କୋଡିଙ୍ଗା ତହସିଲଦାର ଶିବପ୍ରସାଦ ପଟ୍ଟନାୟକଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରାଯାଇଥିଲା। ଜବତ ଗଞ୍ଜେଇର ମୂଲ୍ୟ ୨୫ କି.ଗ୍ରା. ବୋଲି ପୋଲିସ ସୂଚନା ଦେଇଛି। ଏସ୍‌ଆଇ ଶଶିଭୂଷଣ ମଙ୍ଗରାଜ ଘଟଣାର ତଦନ୍ତ କରୁଛନ୍ତି ବୋଲି ଭାରପ୍ରାପ୍ତ ଥାନାଧିକାରୀ ଦୁର୍ଗାମାଧବ ବାଗ ସୂଚନା ଦେଇଛନ୍ତି।

# ବେସରକାରୀ ଜମିରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ରାସ୍ତା

ବିଷମକଟକ,୧୦।୬(ଡି.ଏନ୍.ଏ.)



ସିସି ରୋଡ୍ ହେଉଥିବା ଜାଗାରେ ଜୟରାମ ବାଡ଼ ତିଆରି କରି ବନ୍ଦ କରିଛନ୍ତି ।

- ଗୋଟିଏ ଘରକୁ ୫ ଲକ୍ଷ ଟଙ୍କା ବ୍ୟୟରେ ସିସି ରୋଡ୍ ସଂଯୋଗ
- ଦାୟିତ୍ୱରେ ଥିବା ଅଧିକାରୀ, କର୍ମଚାରୀଙ୍କ ଭୂମିକାକୁ ନେଇ ପ୍ରଶ୍ନବାଚୀ
- ଅଭିଯୋଗ ପରେ ବି ହେଉନି କାର୍ଯ୍ୟାନୁଷ୍ଠାନ

ପ୍ରହସନ ପାଲଟିଛି ଏମ୍‌ଜିଏନ୍‌ଆର୍‌ଇଜିଏସ। ଗ୍ରାମାଞ୍ଚଳରେ ଲୋକଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନର ସୁବିଧା ପାଇଁ ରାଜ୍ୟ ସରକାର ଅନେକ ଅର୍ଥ ବ୍ୟୟ କରୁଛନ୍ତି। ମୁଖ୍ୟରାସ୍ତାକୁ ସଂଯୋଗୀକରଣ ମଧ୍ୟ କରୁଛନ୍ତି। ହେଲେ ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ଢୁକୁମ ପଞ୍ଚାୟତରେ ଏହାର ବାସ୍ତବ ଚିତ୍ର କିଛି ଭିନ୍ନ ଦେଖିବାକୁ ମିଳିଛି। ମାତ୍ର ଗୋଟିଏ ଘରକୁ ରାସ୍ତା ସଂଯୋଗ ନିମନ୍ତେ ଏମ୍‌ଜିଏନ୍‌ଆର୍‌ଇଜିଏସରେ ୨୦୧୯-୨୦ ବର୍ଷର ଆର୍ଥିକ ଅନୁଦାନରେ ୫ ଲକ୍ଷ ଟଙ୍କା ବ୍ୟୟରେ ଢୁକୁମ ପଞ୍ଚାୟତର ଲକ୍ଷ୍ମୀପୁର ଗ୍ରାମରେ ଜଣେ ଆଦିବାସୀଙ୍କ ଜମି ଉପରେ ସିମେଣ୍ଟ କଂକ୍ରିଟ୍ ରାସ୍ତା ନିର୍ମାଣ କରାଯାଇଛି। ଯେଉଁ ଘରୋଇ ଜମି ଉପରେ ରାସ୍ତା ନିର୍ମାଣ କରାଯାଇଛି, ସେହି ଜମିର ମାଲିକ ହେଉଛନ୍ତି ଢୁକୁମ ପଞ୍ଚାୟତ ପିଣ୍ଡା ଗ୍ରାମର ଜୟରାମ ରେକୱାଡାକା। ପୂର୍ବପୁରୁଷ ଅମଳରୁ ଥିବା ଏହି ଜମିରେ ଜୟରାମ ଚାଷକରି ପରିବାର ଚଳାଉଥିଲେ। ଏବେ ସେହି ଜମିରେ ବେଆଇନ ଭାବେ ସରକାରୀ ଅର୍ଥ ବ୍ୟୟ କାରାଯାଇ ରାସ୍ତା ନିର୍ମାଣ କରାଯାଇଛି । ସୂଚନା ଅନୁଯାୟୀ, ଲକ୍ଷ୍ମୀପୁର ଗ୍ରାମର ଜଣେ ଠିକାଦାର ଜମି ମାଲିକଙ୍କ ବିନା ଅନୁମତିରେ ବେସରକାରୀ ଜମିରେ ସିମେଣ୍ଟ କଂକ୍ରିଷ୍ଟ ରାସ୍ତା ନିର୍ମାଣ କରିଛନ୍ତି। ଜମି ମାଲିକ ଏ ନେଇ ପଞ୍ଚାୟତରେ ବାରମ୍ବାର ଅଭିଯୋଗ କରିଥିଲେ ମଧ ଉକ୍ତ ଜମିରେ ସରକାରୀ ଖର୍ଚ୍ଚରେ ରାସ୍ତା ନିର୍ମାଣ ହୋଇଥିଲା। ଶେଷରେ ଜୟରାମ ନିରାଶ ହୋଇ ଜିଲାପାଳଙ୍କ ଅଭିଯୋଗ ଶୁଣାଣୀଠାରୁ ଆରମ୍ଭ କରି ବ୍ଲକ୍ କାର୍ଯ୍ୟାଳୟର ଦ୍ୱାରସ୍ଥ ମଧ ହୋଇଥିଲେ। ହେଲେ ଏ ପର୍ଯ୍ୟନ୍ତ ତାଙ୍କୁ ନ୍ୟାୟ ମିଳି ନ ଥିବା ଜୟରାମ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଅଭିଯୋଗ କରିବାର ବର୍ଷେ ପରେ ମଧ ନ୍ୟାୟ ନ ମିଳିବାରୁ ଶେଷରେ ସେ ବାଧ ହୋଇ ଉକ୍ତ ସିସି ରୋଡ୍ ଉପରେ ବାଡ଼ ତିଆରି କରି ସେହି ରାସ୍ତାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିବା କହିଛନ୍ତି। ଏଭଳି ଦୃଶ୍ୟ ଦେଖିଲେ ବିଷମକଟକ ବ୍ଲକ୍ କାର୍ଯ୍ୟାଳୟରେ ସରକାରୀ ଅର୍ଥକୁ କିପରି ବେଆଇନଭାବେ ବିନିଯୋଗ କରାଯାଉଛି ତାହା ସ୍ପଷ୍ଟ ଅନୁମେୟ। ବିନା ଫଳକରେ ଏମ୍‌ଜିଏନ୍‌ଆର୍‌ଇଜିଏସ କାମ କରାଯାଉଥିବାବେଳେ ଗୋଟିଏ ଘରକୁ ରାସ୍ତା ସଂଯୋଗ କାରାଯାଉଛି। ଏମିତିକି ଅଭିଯୋଗ ପରେ ମଧ ରାସ୍ତାକାମର ବିଲ୍ କରାଯାଇଥିବା ଜଣାପଡ଼ିଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ମନରେଗା ଯୋଜନାରେ ବିଭିନ୍ନ ନିୟମ ରହିଥିବାବେଳେ ଏହାର ତଦାରଖ ଦାୟିତ୍ୱରେ ଥିବା ସରକାରୀ ଅଧିକାରୀ ଓ କର୍ମଚାରୀ ଏହି ଦୁର୍ନୀତି ବିଷୟରେ କେମିତି ଜାଣି ପାରିଲେନି ବୋଲି ଜନସାଧାରଣ ଏବଂ ସଚେତନ ନାଗରିକଙ୍କ ମନରେ ପ୍ରଶ୍ନ ଉଠୁଛି। ତେଣୁ ଜିଲା ପ୍ରଶାସନ ଏହି ଘଟଣାରେ ହସ୍ତକ୍ଷେପ କରି ଦୁର୍ନୀତିରେ ଯେଉଁମାନେ ସମ୍ପୃକ୍ତ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି ହୋଇଛି। ଅପରପକ୍ଷେ ଉକ୍ତ ରାସ୍ତାକାମ ବିଷୟରେ ବିଷମକଟକ ବିଡିଓଙ୍କୁ ପଚାରିବାରୁ ସେ କହିଛନ୍ତି, ଏହା ସରକାରୀ ଜମି କିମ୍ବା ବସେରକାରୀ ତାହା ଚିହ୍ନଟ ନିମନ୍ତେ ଆର୍‌ଆଇଙ୍କୁ ଦାୟିତ୍ୱ ଦିଆଯାଇଛି। ରିପୋର୍ଟ ଆସିବା ପରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ଅଭାବୀ ବିକ୍ରି:ଆମ୍ବ କିଲୋ ୧୦

ରାୟଗଡ଼ା ଅଫିସ,୯।୬

**ବଜାର ସୁବିଧା ନ ଥିବାରୁ ଶସ୍ତାରେ ବ୍ୟବସାୟୀଙ୍କୁ ଦେଉଛନ୍ତି ଚାଷୀ**



ଜଣେ ଚାଷୀ ଶଢ଼ି ଯାଇଥିବା ଆମ୍ବ ଦେଖାଉଛନ୍ତି ।

କରୋନା ସମୟରେ ଲକ୍‌ଡାଉନ ଓ ଶଟ୍‌ଡାଉନ ଯୋଗୁ ସମସ୍ତ ବର୍ଗର ଲୋକେ କ୍ଷତିଗ୍ରସ୍ତ ହେଇଛନ୍ତି। ସେହିପରି ପରିବା ଓ ଫଳ ଦୋକାନ ସକାଳେ ଖୋଲିବାକୁ ଅନୁମତି ମିଳିଥିଲେ ମଧ ଅନେକ ଚାଷୀଙ୍କ କ୍ଷତି ସହିବାକୁ ପଡ଼ିଛି। ବଜାର ଅଭାବ ଯୋଗୁ ଉତ୍ପାଦିତ ଜିନିଷ ବିକ୍ରି କରି ନ ପାରି ଅଭାବୀ ବିକ୍ରିର ଶିକାର ହୋଇଛନ୍ତି।

ରାୟଗଡ଼ା ଜିଲାରେ ଆମ୍ବଚାଷୀଙ୍କ ସ୍ଥିତି ଏଭଳି ହୋଇଛି। ବଜାର ଅଭାବରୁ ଉତ୍ପାଦିତ ଆମ୍ବ ବିକ୍ରି ନ ହୋଇ ଶଢୁଥିବା ରାୟଗଡ଼ା ବ୍ଲକ୍ କତାପେଟା ପଞ୍ଚାୟତ କୁଲଜିଙ୍ଗ ଗ୍ରାମର ତାଡିଙ୍ଗି ଓରାଲୁ(୬୫) କହିଛନ୍ତି। ଜିଲାରେ ଭଲ ଆମ୍ବ ଫସଲ ହେଉଥିବାବେଳେ ଦୀର୍ଘବର୍ଷ ଧରି ସେ ଆମ୍ବଚାଷ କରି ପରିବାର ଚଳାନ୍ତି। ନିଜର ଜମି ନ ଥିଲେ ମଧ ଅନ୍ୟଠାରୁ ପ୍ରାୟ ୪ ଏକର ଜମିକୁ ୧୨ ହଜାର ଟଙ୍କାରେ ଲିଜ୍ ନେଇଛନ୍ତି। ପୂର୍ବରୁ ଏଥିରୁ ୩୦ ହଜାର ପର୍ଯ୍ୟନ୍ତ ଲାଭ ପାଉଥିଲେ। ହେଲେ ଏବେ କରୋନା ଯୋଗୁ ୨ ବର୍ଷ ହେଲା କ୍ଷତି ସହୁଥିବା କହିଛନ୍ତି। ଜୁନ୍ ଶେଷ ସୁଦ୍ଧା ଆମ୍ବ ତୋଳି ବିକ୍ରି କରିବାକୁ ହୋଇଥାଏ। ପ୍ରତ୍ୟେକ ବର୍ଷ ଆମ୍ବ ଜେକେପୁର ଏବଂ ରାୟଗଡ଼ା ବଜାରକୁ ନେଇ ବିକ୍ରି ହେଉଥିଲା। ହେଲେ ଏବେ ପୋଲିସ ମାଡ଼ ଭୟରେ ଯାଇପାରୁନୁ, ବାଧହୋଇ ବ୍ୟବସାୟୀଙ୍କୁ ୧୦ ଟଙ୍କାରେ ବିକ୍ରି କରୁଛୁ ବୋଲି ତାଡ଼ିଙ୍ଗି କହିଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ବ୍ୟବସାୟୀମାନେ ଆମ୍ବ ଚଢ଼ାଦରରେ ବିକ୍ରି କରୁଥିବାବେଳେ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। କେବଳ ତାଡ଼ିଙ୍ଗି ନୁହନ୍ତି, ଜିଲାର କାଶୀପୁର, ମୁନିଗୁଡ଼ା, କଲ୍ୟାଣସିଂହପୁର ଆଦି ଅଞ୍ଚଳର ଚାଷୀଙ୍କ ସମାନ ସ୍ଥିତି। ତେଣୁ ପ୍ରଶାସନ ପକ୍ଷରୁ କେବଳ କରୋନା ଆଳ ନ ଦେଖାଇ ଏହି ସମୟରେ ଚାଷୀଙ୍କୁ ସଚେତନ କରିବା ସହ ଉପଯୁକ୍ତ ବଜାର ବ୍ୟବସ୍ଥା କରିବାକୁ ବୁଦ୍ଧିଜୀବୀଙ୍କ ମଧ୍ୟରେ ଦାବି ହେଉଛି।

## କୋଭିଡ୍ ସଂକ୍ରମିତଙ୍କୁ ଶୁଖିଲା ଖାଦ୍ୟ

ବିଷମକଟକ,୧୦।୬(ଡି.ଏନ୍.ଏ.)

କରୋନା ସଂକମଣକୁ ରୋକିବା ନିମନ୍ତେ ସରକାର ଲକ୍‌ଡାଉନ ଏବଂ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏହି ସମୟରେ ଅସହାୟ ଏବଂ କୋଭିଡ୍ ଆକ୍ରାନ୍ତ ପରିବାରକୁ ସହଯୋଗର ହାତ ବଢ଼ାଇଛି ଏପିପିଆଇ ଏବଂ ହର୍ଷ ଟ୍ରଷ୍ଟ। ସରକାରଙ୍କ ବିଭିନ୍ନ ବିଭାଗ ସହ ମିଶି ଯୋଜନା ପ୍ରସ୍ତୁତ କରାଯାଇ ୧୨ ଗ୍ରାମର ୯୦ କୋଭିଡ୍ ସଂକ୍ରମିତଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି। ଟ୍ରଷ୍ଟ ପକ୍ଷରୁ ବୁଧବାର ପଥମ ଦିନରେ ବ୍ଲକ୍ ଅନ୍ତର୍ଗତ ଚାଟିକୋଣା, କାଙ୍କୁବାଡ଼ି, ଚାଞ୍ଚରାଗୁଡ଼ା ପଞ୍ଚାୟତର ୧୨ ଗାଁରେ ସଂକ୍ରମିତ ପରିବାରକୁ ଖାଦ୍ୟ ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଆଶାକର୍ମୀ ଉପସ୍ଥିତ ଥିଲେ। ୫ ଦିନ ମଧ୍ୟରେ ବ୍ଲକ୍‌ର ୩୦୦ ପରିବାରକୁ ଏହି ଶୁଖିଲା ଖାଦ୍ୟ ଯଥା ଚୁଡ଼ା, ସୋୟାବିନ୍, ଡାଲି, ତେଲ ଆଦି ଯୋଗାଇ ଦିଆଯିବ ବୋଲି ହର୍ଷ ଟ୍ରଷ୍ଟର ଜିଲା ସଂଯୋଜକ ଶରତ କୁମାର ସାହୁ ଏବଂ ଟିମ୍ ଲିଡର ବୁଦ୍ଧନାଥ ପଣ୍ଡା କହିଛନ୍ତି। ଟ୍ରଷ୍ଟ ପକ୍ଷରୁ ନୃସିଂହ ଚରଣ ରଥ, ମନୀଷ ଗୁରିଆ, ପ୍ରମୋଦ ପ୍ରଧାନ, ଚିରଞ୍ଜିବ ପ୍ରଧାନ ପ୍ରମୁଖ ଏଥିରେ ସହଯୋଗ କରୁଛନ୍ତି।

## ବିଷ ପିଇ ବୃଦ୍ଧଙ୍କ ଆତ୍ମହତ୍ୟା

ଏମ୍‌ଭି-୭୯, ୧୦।୬(ଡି.ଏନ୍.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକ ମୋଟୁ ଥାନା ଅଧୀନ ଏମ୍‌ଭି-୮୧ ଗ୍ରାମର ହରିପଦ ବୈରାଗୀ(୬୩) ପାରିବାରିକ କଳହରୁ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ବୁଧବାର ଗ୍ରାମ ନିକଟସ୍ଥ ଜଙ୍ଗଲରେ ବିଷ ପିଇ ଦେଇଥିଲେ। ତେବେ ମାଛ ଧରିବାକୁ ଯାଉଥିବାବେଳେ ଗ୍ରାମର କେତେଜଣ ଲୋକ ହରିପଦଙ୍କୁ ଗୁରୁତର ଅବସ୍ଥାରେ ଦେଖି ତାଙ୍କ ପରିବାରକୁ ଖବର ଦେଇଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। କିନ୍ତୁ ସେଠାରେ ଡାକ୍ତର ହରିପଦଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ମୋଟୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାଧିକାରୀ ସୁଶାନ୍ତ ସାହୁଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ସେଠାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ମୋଟୁ ଥାନା ପୋଲିସ ୧୩/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି ବୋଲି ଥାନାଧିକାରୀ କହିଛନ୍ତି।

# କୋଭିଡ୍ କଟକଣାରେ ପାଳିଲେ ସାବିତ୍ରୀ ବ୍ରତ



ମହିଳାମାନେ ପୂଜା କରୁଛନ୍ତି।

ନବରଙ୍ଗପୁର,୧୦।୬(ବି.ପ୍ର.)

ନବରଙ୍ଗପୁର ରାଜ ପୁରୋହିତ ନରସିଂହ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ କୋଭିଡ୍ କଟକଣା ଭିତରେ ମହିଳାମାନେ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ବ୍ରତଧାରୀମାନେ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ପୂଜା କରିଥିଲେ। ମହିଳାମାନେ ସାନିଟାଇଜର ଲଗାଇ ମାସ୍କ ପିନ୍ଧି ସାମାଜିକ ଦୂରତା ରକ୍ଷା କରି ଏହି ପୂଜା କରିଥିଲେ। ଚଳିତ ବର୍ଷ ପୂଜା ଉପଲକ୍ଷେ ଭିଡ଼ ଦେଖାଦେଇ ନ ଥିଲା।

# ଆଗାମୀ ପିଢ଼ି ପାଇଁ ଗଛ ଲଗାଇବା ଆମ କର୍ତ୍ତବ୍ୟ

ନବରଙ୍ଗପୁର,୯।୬ (ବି.ପ୍ର.)

**ଜିଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ମାରାଥନ କର୍ମଶାଳା**

ନବରଙ୍ଗପୁର ଜିଲାରେ ପ୍ରଥମଥର ପାଇଁ ୭ ସ୍ନାତକ ମହାବିଦ୍ୟାଳୟର ୪୦୦ ଜଣ ୟୁଥ୍ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀ, ୪୦ ଅଧ୍ୟାପିକା ଅଧ୍ୟାପକ, ପ୍ରୋଗ୍ରାମ ଅଫିସର, କାଉନ୍‌ସିଲର, ୩ ଜଣ ଅଧ୍ୟକ୍ଷଙ୍କୁ ନେଇ ୪ଟି ପର୍ଯ୍ୟାୟରେ ଏକ କର୍ମଶାଳା କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ନବରଙ୍ଗପୁର ଓ ପାନାବେଡ଼ା ମହାବିଦ୍ୟାଳୟ, ଦ୍ୱିତୀୟ ପର୍ଯ୍ୟାୟରେ ପେନ୍ଦ୍ରାଣୀ ଓ ଭୈରବ ମହାବିଦ୍ୟାଳୟ, ତୃତୀୟ ପର୍ଯ୍ୟାୟରେ ନବରଙ୍ଗପୁର ସ୍ନାତକ ମହିଳା ମହାବିଦ୍ୟାଳୟ ଏବଂ ଶେଷ ପର୍ଯ୍ୟାୟରେ ମଡେଲ ଡିଗ୍ରୀ କଲେଜ ଓ ରାଜା ଚଉଁରୀୟା କଲେଜ ସାମିଲ ହୋଇଥିଲା।

ପ୍ରାଧ୍ୟାପକ ଡ. ଭାସ୍କରନାଥ ବିଶ୍ୱାଳ ଏବଂ ଅଧ୍ୟାପକ ଦିଲୀପ କୁମାର ହୋତା ବକ୍ତାଭାବେ ଯୋଗଦେଇଥିଲେ। କରୋନା ମହାମାରୀ ଭିତରେ ଅମ୍ଳଜାନର ଆବଶ୍ୟକତାକୁ ହୃଦ୍‌ବୋଧ କରି ଏକ ବାୟୋ ଅକ୍ସିଜେନ ପ୍ରକଳ୍ପ ଶୁଭାରମ୍ଭ କରାଯାଇଥିଲା। ଏହି ପ୍ରକଳ୍ପ ଅନୁସାରେ ପ୍ରତ୍ୟେକ ସ୍ୱେଚ୍ଛାସେବୀ ଗୋଟିଏ ବରଗଛ ବା ଓସ୍ତଗଛ ଲଗାଇ ତାହାର ଯତ୍ନ ନେବେ। ଏହାକୁ ସେମାନେ ଗାଁର ଶ୍ମଶାନ,ନଦୀତଟ ବା ରାସ୍ତାକଡ଼ରେ ୨୦ମିଟର ଛାଡ଼ି ଲଗାଇବେ। ଏକବର୍ଷ ଯତ୍ନନେବା ପରେ ତା'ର ସମୀକ୍ଷା କରାଯାଇ ସ୍ୱେଚ୍ଛାସେବୀଙ୍କୁ 'ଅକ୍ସିଆନ' ଉପାଧି ଦିଆଯିବ। ଆଗାମୀ ପିଢ଼ି ପାଇଁ ଗଛ ଲଗାଇବା ଆମ କର୍ତ୍ତବ୍ୟ ବୋଲି ଅତିଥିମାନେ କହିଥିଲେ। ଅଧ୍ୟାପକ ଶମ୍ଭୁପ୍ରସାଦ ହୋତା, ବିଶ୍ୱରଞ୍ଜନ ପଣ୍ଡା, ଡ. ପଙ୍କଜ ଲୋଚନ ମିଶ୍ର, ଡ. ଶେଷାନନ୍ଦ ମିଶ୍ର, ରାମଶଙ୍କର ପଟ୍ଟନାୟକ, ଡ. ସଂଯୁକ୍ତା ପଣ୍ଡା, ରଞ୍ଜୁଷା ପ୍ରହରାଜ, ଡ. ରାଜୀବ ଜାଲ, ଡ. ଲକ୍ଷ୍ମୀ ବେହେରା,ଅଧ୍ୟାପକ ଜାହାଙ୍ଗୀର ମହମ୍ମଦ, ଅଧ୍ୟାପିକା ମାନସୀ ମହାପାତ୍ର, ନିର୍ମଳା ହିକ୍କା, ରଜନୀ ମିଞ୍ଜ, ଅଶ୍ୱିନୀ ବେହେରା ଉପସ୍ଥିତ ଥିଲେ। ଅଧ୍ୟକ୍ଷ ଦ୍ୱାରିକାନାଥ ବାଗ, ଶଙ୍କର ପ୍ରସାଦ ଗନ୍ତାୟତ, ମାଳେଶ୍ୱରୀ ସାହୁ ଓ ଡ. ରଞ୍ଜନ କୁମାର ବେହେରା ଯୋଗଦେଇଥିଲେ।

# ପାନୀୟ ଜଳ , ଡ୍ରେନେଜ ବ୍ୟବସ୍ଥା ସୁଧାରିବାକୁ ନିର୍ଦ୍ଦେଶ

ଉମରକୋଟ, ୧୦।୬(ସ୍ୱ.ପ୍ର.)



ବିଧାୟକ ଜଣେ ମହିଳାଙ୍କ ସହ ଆଲୋଚନା କରୁଛନ୍ତି ।

ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ କରୋନାରୁ ସୁସ୍ଥ ହୋଇ ଉମରକୋଟ ପୌରାଞ୍ଚଳର ବିଭିନ୍ନ ୱାର୍ଡ ଗସ୍ତ କରିଥିଲେ। ଲୋକମାନଙ୍କ ସହ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରି ସହଯୋଗ ବ୍ୟବସ୍ଥା କରାଇଥିଲେ।

ୱାର୍ଡ ନଂ. ୮ର ସୂର୍ଯ୍ୟ ହରିଜନ ସ୍ୱାମୀଙ୍କ ମୃତ୍ୟୁ ପରେ ଛୋଟ ଛୋଟ ତିନୋଟି ପିଲାଙ୍କୁ ନେଇ କଷ୍ଟରେ ରହୁଥିବା ବିଧାୟକଙ୍କୁ ଜଣାଇଥିଲେ। ଏହା ଶୁଣିବାପରେ ତାଙ୍କୁ ରାଶନ ସାମଗ୍ରୀ ଯୋଗାଇଦେବା ସହ ଆବାସ ଯୋଜନାରେ ଘର କିପରି ମିଳିପାରିବ ସେ ବ୍ୟବସ୍ଥା କରାଯିବ ବୋଲି ବିଧାୟକ କହିଥିଲେ। ବର୍ଷା ଆସୁଥିବାରୁ ଉମରକୋଟ ତହସିଲଦାର ହିମାଞ୍ଚଳ ମାଝିଙ୍କ ସହ କଥା ହୋଇ ବିଧାୟକ ସୂର୍ଯ୍ୟଙ୍କ ପାଇଁ ଜରିପାଲର ବ୍ୟବସ୍ଥା କରାଇଥିଲେ। ସେହିପରି କିଛିଦିନ ପୂର୍ବରୁ ମୃତ୍ୟୁବରଣ କରିଥିବା ସନ୍ତୋଷ ମହାରଣାଙ୍କ ଘରକୁ ଯାଇ ତାଙ୍କ ସ୍ତ୍ରୀ ଓ ପିଲାଙ୍କୁ ଆଶ୍ୱାସନା ଦେବା ସହ ଆନୁଷଙ୍ଗିକ ସହଯୋଗ ଯୋଗାଇଦେବା ବ୍ୟବସ୍ଥା କରିଥିଲେ। ବିଧାୟକ ସେଠାରୁ ଉମରକୋଟ ପୌର ପରିଷଦ କାର୍ଯ୍ୟାଳୟ ଗସ୍ତକରି ପ୍ରତ୍ୟେକ ୱାର୍ଡର ବିଭିନ୍ନ ସମସ୍ୟା ବିଷୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝିଙ୍କ ସହ ଆଲୋଚନା କରିଥିଲେ। କରୋନାରେ ପୀଡ଼ିତ ହୋଇ ପ୍ରାଣ ହରାଇଥିବା ପରିବାରଗୁଡ଼ିକର ଥଇଥାନ ବ୍ୟବସ୍ଥା ବିଷୟରେ ଆଲୋଚନା କରିଥିଲେ। ପ୍ରତ୍ୟେକ ୱାର୍ଡରେ ପାନୀୟ ଜଳ ବ୍ୟବସ୍ଥା ସୁବିଧା ଓ ଆଗକୁ ବର୍ଷାଦିନ ଆସୁଥିବାରୁ ଡ୍ରେନେଜ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ କହିଥିଲେ। ଏହି ସମୟରେ ରମେଶ ସାହୁ, ସୁରେଶ ଆଚାର୍ଯ୍ୟ, ଆଶିଷ ରାଓ, ଚିନ୍ମୟ ପଟ୍ଟନାୟକ, ବାଦଲ ପଟ୍ଟନାୟକ, ଅମିତ ହାଲ୍‌ଦାର, ମିଲୁ ପଣ୍ଡା, ଲାଲୁ ସାହୁ, ସତ୍ୟ ବେହେରା ପ୍ରମୁଖ ବିଧାୟକଙ୍କ ସହ ଗସ୍ତ କରିଥିଲେ।

# ତହସିଲଦାରଙ୍କ ଦ୍ୱାରସ୍ଥ ହେଲେ ମହିଳା

ରାୟଗଡ଼ା ଅଫିସ,୧୦।୬

**ମାଇକ୍ରୋ ଫାଇନାନ୍ସ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ**

କରୋନା ସଂକ୍ରମଣକୁ ରୋକିବା ନିମନ୍ତେ ଲକ୍‌ଡାଉନ ଏବଂ ଶଟ୍‌ଡାଉନ ଘୋଷଣା କରାଯାଇଛି। ଫଳରେ କାମଧନ୍ଦା ନ ପାଇ ଲୋକେ କଷ୍ଟରେ ଚଳୁଛନ୍ତି। ଏଭଳି ପରିସ୍ଥିତିରେ ମାଇକ୍ରୋ ଫାଇନାନ୍ସ ସଂସ୍ଥାରୁ ଟଙ୍କା ନେଇଥିବା ମହିଳାଙ୍କ ଘରକୁ ଯାଇ କର୍ମଚାରୀମାନେ ଜୋର ଜବରଦସ୍ତ ଟଙ୍କା ଆଦାୟ କରୁଥିବା ଅଭିଯୋଗ ହୋଇଛି। ଟଙ୍କା ନ ମିଳିବା ପର୍ଯ୍ୟନ୍ତ କର୍ମଚାରୀମାନେ ମାନୁ ନ ଥିବା ସେମାନେ କହିଛନ୍ତି। ଏ ନେଇ ମହିଳାମାନେ ଗୁରୁବାର ମାଇକ୍ରୋ ଫାଇନାନ୍ସ କର୍ମଚାରୀଙ୍କ ବିରୋଧରେ ତହସିଲଦାରଙ୍କୁ ଭେଟି ଜଣାଇଛନ୍ତି। ସକାଳ ୭ ରୁ ୧୧ ପର୍ଯ୍ୟନ୍ତ ବ୍ୟବସାୟ କରି ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି। ଏଭଳି ପରିସ୍ଥିତିରେ ସଂସ୍ଥାର କର୍ମଚାରୀମାନେ ହଇରାଣ କରୁଥିବା ସେମାନେ ଜଣାଇଛନ୍ତି।

# ମନ୍ଦିର ପୂଜକ, ଅସହାୟ ବ୍ରାହ୍ମଣଙ୍କୁ ସହାୟତା

ଗୁଣପୁର,୧୦।୬(ଡି.ଏନ୍.ଏ.)

ଦୀର୍ଘ ୪୦ ଦିନ ହେବ ମଠ ମନ୍ଦିର ବନ୍ଦ ରହିଛି। ଏହା ଉପରେ ନିର୍ଭର କରି ଚଳୁଥିବା ପୂଜକ ତଥା ବ୍ରାହ୍ମଣଙ୍କୁ କୌଣସ ସରକାରୀ ସହାୟତା ମିଳୁନି। ପରିବାର ଚଳାଇବେ ଚିନ୍ତାରେ ଏବେ ପୂଜକମାନେ। ମନ୍ଦିର ଏବଂ ଭକ୍ତଙ୍କ ଉପରେ ନିର୍ଭର କରି ଚଳି ଆସୁଥିବା ପୂଜକ ମାନେ ଦୟନୀୟ ସ୍ଥିତିରେ ଜିବନ ବିତାଉଛନ୍ତି । ଏପରି ସ୍ଥିତିରେ ରାୟଗଡା ଜିଲା ଗୁଣପୁର ବ୍ରାହ୍ମଣ ସମାଜ ପକ୍ଷରୁ ଜିଆଇଇଟି ବିଶ୍ୱ ବିଦ୍ୟାଳୟର ସହାୟତାରେ ଗରିବ ବ୍ରାହ୍ମଣ ତଥା ପୂଜକମାନଙ୍କୁ ଗୁରୁବାର ସହାୟତା ପ୍ରଦାନ କରାଯାଇଛି। ସେମାନଙ୍କୁ ଗୋଟିଏ ମାସର ଚାଉଳ, ଡାଲି ସହ ରାଶନ ବଣ୍ଟନ କରାଯାଇଛି। ଏହି ସମୟରେ ତ୍ରିପତି ରଥ, ଉମା ଶଙ୍କର ଦାସ, ଡ.ପ୍ରଶାନ୍ତ ହୋତା, ରଞ୍ଜିତ ପାଢ଼ି, କାହ୍ନୁ ପାଢ଼ି, ନରସିଂହ ମହାନ୍ତି ଏବଂ ଦେବାଶିଷ ସାହୁ ପ୍ରମୁଖଙ୍କ ସହ ବ୍ରାହ୍ମଣ ସମାଜର ସଦସ୍ୟମାନେ ଉପସ୍ଥିତ ଥିଲେ। ସହରର ୧୭ଟି ମନ୍ଦିର ସହ ୬୫ ଜଣ ଗରୀବ ପରିବାରଙ୍କୁ ସହାୟତା ପ୍ରଦାନ କରାଯାଇଥିଲା।



ସହାୟତା ପ୍ରଦାନ କରାଯାଉଛି।

# ଡାକ୍ତରଙ୍କ ଅନୁପସ୍ଥିତିରେ ପିଅନ ଦେଉଛନ୍ତି ଔଷଧ

ତେନ୍ତୁଳିଖୁଣ୍ଟି, ୧୦।୬(ଡି.ଏନ୍.ଏ.)

**କଙ୍ଗରା ହୋମିଓପାଥିକ ଚିକିତ୍ସାଳୟ**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ କଣ୍ଟାଗାଁ ଓ କଙ୍ଗରା ହୋମିଓପାଥିକ ଚିକିତ୍ସାଳୟ ରହିଛି। କଙ୍ଗରା ଚିକିତ୍ସାଳୟକୁ ନବରଙ୍ଗପୁର ଜିଲାର ପୂର୍ବତନ ମନ୍ତ୍ରୀ ହାବିବୁଲ୍ ଖାଁ ୧୯୮୨ରେ ଏହାକୁ ଉତ୍ସର୍ଗ କରିଥିଲେ। ସେତେବେଳେ ଏହି ଡାକ୍ତରଖାନା ଯେଉଁ ଟିଣଘରେ ଚାଲୁଥିଲା ଏବେ ମଧ ଉକ୍ତ ଘରେ ତାହା ଚାଲୁଛି। ସବୁଠୁ ଆଶ୍ଚର୍ଯ୍ୟଜନକ କଥା ଡାକ୍ତରଙ୍କ ଅନୁପସ୍ଥିତିରେ ଡାକ୍ତରଖାନା ପିଅନ ସେଠାକୁ ଆସୁଥିବା ରୋଗୀଙ୍କୁ ଔଷଧ ଦେଉଛନ୍ତି।

ସୂଚନା ଅନୁଯାୟୀ, ବୁଧବାର ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନ ଥିଲେ। ଏହି ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ପିଅନ କୁଞ୍ଜ ନାୟକ ସେଠାକୁ ଆସିଥିବା ଜଣେ ରୋଗୀଙ୍କୁ ଔଷଧ ଦେଇଥିଲେ। ଦିନକୁ ୩ ଥର ଉକ୍ତ ଔଷଧ ସେବନ କରିବାକୁ ସେ ରୋଗୀଙ୍କୁ ପରାମର୍ଶ ମଧ ଦେଇଥିଲେ। ଏ ସମ୍ପର୍କରେ ତାଙ୍କୁ ପଚାରିବାରୁ ଡାକ୍ତର କୋରାପୁଟ ଯାଇଛନ୍ତି। ତେଣୁ ମୁଁ ରୋଗୀଙ୍କୁ ଔଷଧ ଦେଉଛି ବୋଲି ସେ କହିଥିଲେ। ଆଉ ୩ମାସ ପରେ ଅବସର ନେବି। ପ୍ରତ୍ୟେକ ଦିନ ଅଞ୍ଚଳଗୁମ୍ଭାରୁ ଆସୁଛି। ସ୍ୱାସ୍ଥ୍ୟକେନ୍ଦ୍ର ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଫ୍ୟାନ ନାହିଁ। ଗରମରେ ଅଫିସରେ ବସି ରହୁଛି। ରୋଗୀ ଆସିଲେ ଔଷଧ ଦେଇ ପଠାଉଛି। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଶୀଘ୍ର ନୂତନ ଗୃହ ନିର୍ମାଣ, କର୍ମଚାରୀ ନିଯୁକ୍ତି କଲେ ଅଞ୍ଚଳବାସୀ ଉପକୃତ ହେବେ ବୋଲି ଲକ୍ଷ୍ମୀ ଚନ୍ଦ୍ର ଟାକ୍ରି ଓ ଅଞ୍ଚଳବାସୀ ଦାବି କରିଛନ୍ତି।

# ଅର୍ଥାଭାବରୁ ହୋଇପାରୁନି ଜେମାଙ୍କ ଚିକିତ୍ସା

ଉମରକୋଟ,୧୦।୬(ସ୍ୱ.ପ୍ର.)



ଜେମାଙ୍କୁ ହୁଇଲ୍‌ଚେୟାର ପ୍ରଦାନ କରାଯାଉଛି ।

ଉମରକୋଟ ପୌରାଞ୍ଚଳ ୧ନମ୍ବର ୱାର୍ଡର ଲମ୍ବୁଧର ମାଝୀ ନିଜ ସାତବର୍ଷର ଝିଅ ଜେମା। ଏଇ ବୟସରେ ମଧ ନିଜ ଗୋଡ଼ରେ ସେ ନିଜେ ଛିଡ଼ା ହୋଇପାରୁ ନାହାନ୍ତି। ହାତ ଉଠୁ ନ ଥିବାରୁ ନିଜ ହାତରେ କିଛି ଖାଇ ମଧ ପାରୁନାହାନ୍ତି। ଝିଅକୁ ଏପରି ଅବସ୍ଥାରେ ଛାଡ଼ି ମା' ବାହାରକୁ କେଉଁଆଡ଼େ କାମ କରିବାକୁ ଯାଇପାରୁନାହାନ୍ତି। ଲମ୍ବୁଧର ମୂଲ ଲାଗି ଯାହା କିଛି ରୋଜଗାର କରନ୍ତି ସେଥିରେ ଘର ଚଳେ। ଟଙ୍କା ନ ଥିବାରୁ ଝିଅର ଚିକିତ୍ସା ପାଇଁ ବାହାରକୁ ତାଙ୍କୁ ନେଇ ଯାଇପାରୁ ନାହାନ୍ତି। ପ୍ରଶାସନ ଝିଅର ଚିକିତ୍ସା ଦିଗରେ ସହଯୋଗ କରନ୍ତୁ ବୋଲି ଲମ୍ବୁ ନିବେଦନ କରିଛନ୍ତି।

ଜେମାକୁ ୩ବର୍ଷ ହୋଇଥିବା ବେଳେ ଲମ୍ବୁ ତାଙ୍କୁ ଉମରକୋଟ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ଚିକିତ୍ସା କରି ଝିଅକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବାକୁ ଲମ୍ବୁଙ୍କୁ ପରାମର୍ଶ ଦେଇଥିଲେ। ହେଲେ ଅର୍ଥ ଅଭାବରୁ ସେ ଏଯାଏ ତାଙ୍କୁ ନେଇପାରିନାହାନ୍ତି। ଏବେ ଝିଅର ବୟସ କମ୍ ରହିଛି, ଉପଯୁକ୍ତ ଚିକିତ୍ସା କରାଗଲେ ସେ ଠିକ୍ ହୋଇଯିବ ବୋଲି ଲମ୍ବୁଧରଙ୍କ ବିଶ୍ୱାସ ରହିଛି। ସ୍ଥାନୀୟ ପ୍ରଶାସନ ଯଦି କିଛି ସହାୟତା କରନ୍ତେ ଜେମା ଭଲ ହୋଇଯିବ ବୋଲି କହିଛନ୍ତି ଲମ୍ବୁଧର। ଏ ସମ୍ପର୍କରେ ଉମରକୋଟ ପୌରାଧିକାରୀ ରାମଚନ୍ଦ୍ର ମାଝିଙ୍କୁ ପଚାରିବାରୁ ସେ ଲମ୍ବୁଧରଙ୍କୁ ପୌର କାର୍ଯ୍ୟାଳୟକୁ ଡାକି ଦରଖାସ୍ତ ଦେବା ପାଇଁ କହିଥିଲେ। ତାଙ୍କ ଝିଅର ଉନ୍ନତ ଚିକିତ୍ସା ପାଇଁ ଉପରିସ୍ଥ ଅଧିକାରୀ ନଚେତ୍ ଜିଲାରେ ଥିବା ବିଶେଷଜ୍ଞ ଡାକ୍ତରଙ୍କ ସହ ଆଲୋଚନା କରି ସରକାରୀସ୍ତରରେ ଯାହା ସମ୍ଭବ ତାଙ୍କୁ ସହଯୋଗ କରାଯିବ ବୋଲି ସେ କହିଥିଲେ। ପରେ ପୌରାଧିକାରୀ ମାଝି ଲମ୍ବୁଙ୍କ ଘରେ ପହଞ୍ଚି ଜେମାଙ୍କୁ ଏକ ତିନିଚକିଆ ସାଇକେଲ ଦେଇଥିଲେ। ଜେମା ପ୍ରତି ମାସରେ ୫୦୦ ଟଙ୍କା ଭତ୍ତା ପାଉଥିବାବେଳେ ଚଳିତ ମାସଠାରୁ ତାଙ୍କୁ ୭୦୦ ଟଙ୍କା ଭତ୍ତା ଦିଆଯିବ ବୋଲି ସେ କହିଥିଲେ।

